By Email

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା,

## (ଜରୁରୀ କାଳୀନ ଶାଖା)

ଦୁରଭାଷ:- ୦୬୭୨୭-୨୩୨୮୦୩/୨୨୦୦୦୪, ଦେୟମୁକ୍ତ ନମ୍ବର:- ୧୦୭୭

ବିଜ୍ଞାପନ ପତ୍ର ସଂଖ୍ୟା :- ୨୨୦୮ ତା- ୨୩.୦୪.୨୦୨୦

ଏତଦ୍ ଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୨୦ ମସିହା ରେ ବନ୍ୟା ସମୟରେ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ ପାଇଁ **୪୫ (ପଇଁଚାଳିଶ୍) ଗୋଟି ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ୪୩ (ତେୟାଳିଶ୍) ଗୋଟି ଅସ୍ଥାୟୀ ଖଲାସୀ** ସ୍ଥାନ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ କରାହେବ | ଏହି ନିଯୁକ୍ତି ସମ୍ପୁର୍ଣ ଅସ୍ଥାୟୀ ଅଟେ ଏବଂ ନିଯୁକ୍ତି ଦିନ ଠାରୁ ୩୦.୧୧.୨୦୨୦ ପର୍ଯ୍ୟନ୍ତ ବୈଧ ଅଟେ | ନିଯୁକ୍ତି ନିମନ୍ତେ ଚୟନିତ ପ୍ରାର୍ଥୀ ଙ୍କୁ, ଯଥା କ୍ରମେ **ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପାଇଁ ଟ. ୮୮୮୦ /-** (ଆଠ ହଜାର ଆଠ ଶହ ଅଶି ) ଓ **ଅସ୍ଥାୟୀ ଖଲାସୀ ନ ପାଇଁ ଟ. ୮୦୭୦/-** (ଆଠ ହଜାର ଶତୁରି ) ଟଙ୍କା ସର୍ବମୋଟ୍ ମାସିକ ପାରିଶ୍ରମିକ ଭାବେ ପ୍ରଦାନ କରାଯିବ। ଉକ୍ତ ପଦବୀ ମାନଙ୍କରେ ନିଯୁକ୍ତ ବ୍ୟକ୍ତିଙ୍କୁ ଉପରୋକ୍ତ ପାରିଶ୍ରମିକ ବ୍ୟତୀତ **ମହଙ୍ଗା ଭତ୍ତା କିମ୍ବା ଅନ୍ୟ କୌଣସି ଭତ୍ତା ଦିଆଯିବ ନାହିଁ ।**

ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଅସ୍ଥାୟୀ ବୋଟ ଖଲାସୀ ପଦବୀ ରେ ନିଯୁକ୍ତି ପାଇଁ ଅଶାୟୀ ପ୍ରାର୍ଥୀମାନେ **ସପ୍ତମ ଶ୍ରେଣୀ** ପାସ କରିଥିବେ ଏବଂ **ବୟସ ତା ୦୧-୦୬-୨୦୨୦ ଦିନ ୧୮ ବର୍ଷରୁ ୫୯ ବର୍ଷ ୬ମାସ** ମଧ୍ୟରେ ହୋଇଥିବ ।

**ଅସ୍ଥାୟୀ ଲଞ୍ଚ ଡ୍ରାଇଭର** ପାଇଁ ଇଚ୍ଛୁକ ପ୍ରାର୍ଥୀ ମାନଙ୍କର **ଅନ୍ୟୂନ ଦ୍ଵିତୀୟ ଶ୍ରେଣୀ ଲଞ୍ଚ ଡ୍ରାଇଭିଙ୍ଗ ପ୍ରମାଣପତ୍ର** ଥିବା ଆବଶ୍ୟକ ।

ଅବେଦନ କରିଥିବା ପଦବୀରେ **ଷ୍ଟେଟ ପୋର୍ଟ ଇଞ୍ଜିନିୟରିଂ ସଂସ୍ଥାରେ ପୂର୍ବରୁ କାର୍ଯ୍ୟ କରିଥିବା** ଅଭିଜ୍ଞତା ସଂପନ୍ନ ପ୍ରାର୍ଥୀମାନଙ୍କୁ ଚୟନ ରେ **ପ୍ରାଧାନ୍ୟ** ଦିଆଯିବ । ଏଥିପାଇଁ ପୂର୍ବରୁ କାର୍ଯ୍ୟ

ଅଭିଜ୍ଞତା ଥିବା ସମସ୍ତ ଅବେଦନକାରୀ, ଅବେଦନ ପତ୍ର ସହିତ ପୂର୍ବ **ନିଯୁକ୍ତି ପତ୍ର/ଆଦେଶ ସଂଲଗ୍ନ** କରିବେ |

**ସମସ୍ତ ପ୍ରାର୍ଥୀ ମାନଙ୍କର ୨୦ (କୋଡିଏ) ମିନିଟ୍** ଲଗାତର ନଦୀରେ, କେନାଲରେ କିମ୍ବା ଯେ କୌଣସି ଜଳ ଉତ୍ସରେ **୨୦୦ ମିଟର୍ ପର୍ଯ୍ୟନ୍ତ ପହଁରିବାର ଦକ୍ଷତା** ଥିବା ଅବଶ୍ୟକ| ଏଥି ନିମନ୍ତେ ସବୁ ପ୍ରାର୍ଥୀ ଅବେଦନ ପତ୍ର ସହିତ ଏକ **ଘୋଷଣାନାମା** ଦେବେ, ଯେଉଁଥିରେ ଉଲ୍ଲେଖ କରିବେ ଯେ ସେମାନେ ୨୦ ମିନିଟ ଲଗାତର ନଦୀରେ, କେନାଲରେ କିମ୍ବା ଯେ କୌଣସି ଜଳ ଉତ୍ସରେ ୨୦୦ ମିଟର୍ ପର୍ଯ୍ୟନ୍ତ ପହଁରି ପାରିବେ ଏବଂ କୌଣସି ଦୁର୍ଘଟଣାହେଲେ ନିଜେ ଦାୟୀ ରହିବେ | ଷ୍ଟେଟ ପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କ ଦ୍ଵାରା ଅଧିକୃତ ପ୍ରତିନିଧିଙ୍କ ଦ୍ଵାରା, **ସନ୍ତରଣ ପରୀକ୍ଷା** କରାଯିବ, ଏବଂ ଉକ୍ତ ସନ୍ତରଣ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ମାନେ ହି **ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଏବଂ ଅସ୍ଥାୟୀ ବୋଟ ଖଲାସୀ** ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ |

**ଅସ୍ଥାୟୀ ଲଞ୍ଚ ଡ୍ରାଇଭର** ପଦବୀ ପାଇଁ ଅଶାୟୀ ପ୍ରାର୍ଥୀ ମାନଙ୍କ ପାଇଁ **ଷ୍ଟେଟ ପୋର୍ଟ ଇଞ୍ଜିନିୟର** କିମ୍ବା ତାଙ୍କ ଦ୍ଵାରା ଅଧିକୃତ ପ୍ରତିନିଧିଙ୍କ ଦ୍ଵାରା **ବୈଷୟିକ ପରୀକ୍ଷା** କରାଯିବ ଏବଂ ଉକ୍ତ ବୈଷୟିକ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ମାନେ ହି ଅସ୍ଥାୟୀ ଲଞ୍ଚ ଡ୍ରାଇଭର ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ |

ନିଯୁକ୍ତି ନିମନ୍ତେ ଚୟନ ହୋଇଥିବା ସମସ୍ତ ପ୍ରାର୍ଥୀ ପଦବୀ ରେ **ଯୋଗଦାନ କରିବା ପୂର୍ବରୁ ସରକାରୀ ଡ଼ାକ୍ତରଙ୍କ ଠାରୁ ସୁସ୍ଥତା ପ୍ରମାଣପତ୍ର** ଦାଖଲ କରିବେ। ପଦବୀ ରେ ଯୋଗଦାନ କରିବା ପୂର୍ବରୁ ଯେ କୌଣସି ସମୟ ରେ ଯଦି ଚୟନିତ ପ୍ରାର୍ଥୀ ସୁସ୍ଥତା ପ୍ରମାଣପତ୍ର ଦାଖଲ୍ କରିବା ପାଇଁ ବିଫଳ ହେବେ ତେବେ ପ୍ରାର୍ଥୀ ପତ୍ର ନାକଚ୍ କରାଯିବ |

ନିଯୁକ୍ତି ପାଇଁ ଇଛୁକ ପ୍ରାର୍ଥୀ ଅଶାୟୀ ପଦବୀ ପାଇଁ ଉପରଲିଖିତ **ପ୍ରମାଣପତ୍ର ଗୁଡିକର ନକଲ ସହ ଘୋଷଣାନାମା ଏବଂ ଦରଖାସ୍ତ ତା.୦୬ .୦୬ .୨୦୨୦ ରିଖ ଅପରାହ୍ଣ ୫ ଘଟିକା ସୁଦ୍ଧା ରେଜିଷ୍ଟରଡ୍ ଅବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ, "ଜିଲ୍ଲାପାଳ, କେନ୍ଦ୍ରାପଡା"** ଙ୍କ ଉଦ୍ଦେଶ୍ୟରେ **"ଜିଲ୍ଲା ଜରୁରୀକାଲୀନ ବିଭାଗ, ଗରାପୁର ଛକ, କେନ୍ଦ୍ରାପଡା"** ଠିକଣା ରେ ପ୍ରେରଣ କରିବେ | ଏହି ସମୟ ସୀମା ବାଦ୍ ହସ୍ତଗତ କୌଣସି ଦରଖାସ୍ତ ଗ୍ରହଣ କରାଯିବନି |

ନିର୍ଧିଷ୍ଟ ସମୟ ସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଗୁଡିକର ଅବେଦନକାରୀ ମାନଙ୍କ ନିମନ୍ତେ, **ମାର୍ଶାଘାଇ ଲଂଚ୍ ଘାଟଠାରେ ତା. ୦୯ .୦୬ .୨୦୨୦ ରେ ବୈଷୟିକ ପରୀକ୍ଷା ଓ ସନ୍ତରଣ ପରୀକ୍ଷା ଅନୁଷ୍ଠିତ କରାଯିବ |** ଉପରୋକ୍ତ ପରୀକ୍ଷା ରେ ଭାଗ ନେଇଥିବା ସମସ୍ତ ଅବେଦନକାରୀ ମାନଙ୍କର **ତା. ୧୦ .୦୬ .୨୦୨୦ ରିଖରେ ସାକ୍ଷାତକାର ଓ ପ୍ରମାଣପତ୍ର ତନଖି ଅତିରିକ୍ତ ଜିଲ୍ଲାପାଳ, କେନ୍ଦ୍ରାପଡ଼ା**ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ **ପୂର୍ବାହ୍ଣ ୧୦ ଘଟିକା** ସମୟରେ ଅନୁଷ୍ଠିତ ହେବ |

ନିଯୁକ୍ତି ପ୍ରକ୍ରିୟା ର ବିଭିନ୍ନ ଚରଣ, ଉପରୋକ୍ତ ସମୟ ଏବଂ ସ୍ଥାନ ରେ ଅନୁଷ୍ଠିତ ହେବ ଏବଂ ଏଥି ନିମନ୍ତେ କୌଣସି ସ୍ବତନ୍ତ୍ର ଅବଗତି ଦିଆଯିବ ନାହିଁ | ଏଥିରେ ଯଦି କୌଣସି ପରିବର୍ତ୍ତନ ଘଟେ ତେବେ ଅଗ୍ରୀମ ସୁଚନା ସାଧାରଣ ବିଜ୍ଞପ୍ତି ମାଧ୍ୟମ ରେ ଜଣାଇ ଦିଆଯିବ |

ଏହି ନିଯୁକ୍ତି ସମ୍ବନ୍ଧିତ ସମସ୍ତ ସୁଚନା www.kendrapara.nic.in ରେ ଉପଲବ୍ଧ |

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

**ପରିପତ୍ର ସଂଖ୍ୟା** ୭୨୧୦ **/ତା.** ୨୯/୦୫/୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା.....୭୨୧୧...../ତା.....୨୩/୦୪/୨୦୨୦

ଏହାର ଏକକିତା ନକଲ ସମସ୍ତ ତହସିଲଦାର/ ମଣ୍ଡଳ ଉନ୍ନୟନ ଅଧିକାରୀ/ନିର୍ବାହୀ ଅଧିକାରୀ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାକୁ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବାପାଇଁ ପ୍ରେରଣ କରାଗଲା ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା.....୭୨୧୨...../ତା.....୨୩/୦୪/୨୦୨୦

ଏହାର ନକଲ ଷ୍ଟେଟ ପୋର୍ଟ ଇଞ୍ଜିନିୟର, ଓଡ଼ିଶାଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଗଲା । ବୈଷୟିକ ପରୀକ୍ଷା ଓ ସାକ୍ଷାତକାର ପରୀକ୍ଷା ସମୟରେ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ନିଜେ କିମ୍ବା ନିଜର କ୍ଷମତା ପ୍ରାପ୍ତ ଅଧିକାରୀ ଉପସ୍ଥିତ ରହିବାପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା.....୭୨୧୩...../ତା.....୨୩/୪/୨୦୨୦

ଏହାର ନକଲ ସ୍ୱତନ୍ତ୍ର ରିଲିଫ୍ କମିଶନର, ଓଡ଼ିଶାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା.....୭୨୧୪...../ତା.....୨୩/୪/୨୦୨୦

ଏହାର ନକଲ ଡି.ଆଇ.ଓ., ଏନ୍.ଆଇ.ସି. କେନ୍ଦ୍ରାପଡ଼ାଙ୍କୁ ପ୍ରରଣ କରାଯାଇ ଅନୁରୋଧ କରାଗଲା ଯେ, ସେ ଉକ୍ତ ନୋଟିସ୍‌କୁ www.kendrapara.nic.in ରେ ସର୍ବସାଧାରଣଙ୍କ ଜ୍ଞାତସାର ନିମନ୍ତେ ପ୍ରକାଶନ କରିବେ ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା

**********